ନିତିଦିନ NITIDIN

ମୋବାଇଲ ଚୋର ଗିରଫ

ଟାଙ୍ଗୀ-ଚୌଦ୍ୱାର, ୧୫।୪/ ଏନ୍ଏନ୍ଏସ୍ : ଓଟିଏମ୍ କଲୋନୀରୁ ଏକ ମୋବାଇଲ ଚୋରି କରିବା ଅଭିଯୋଗରେ ଚୌଦ୍ୱାର ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ସେହି କଲୋନୀର ଦେବୀ ପ୍ରସାଦ ମହାନ୍ତି(୨୨) ବୋଲି ଜଣାପଡିଛି। କଲୋନୀ ବାସିନ୍ଦା ବୀଣାପାଣି ସାହୁ ତାଙ୍କ ଘରେ ସମସ୍ତେ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଦେବୀ ପ୍ରସାଦ ତାଙ୍କ ମୋବାଇଲଟିକୁ ଚୋରାଇ ନେଇଥିବା ସେ ଥାନାରେ ଅଭିଯୋଗ କରିଥିଲେ।

ପ୍ରଥମ ପୃଷ୍ଠାରୁ...

ରାଜ୍ୟର ୨ୟ...

ବୃହତ୍ ଜଳ ଯେଗାଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଂସଦ ନଗେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କ ବିସ୍ଥାପନ ନୀତିକୁ ଦେଶର ଉତ୍କୃଷ୍ଟ ନୀତି ଅଭିହିତ କରି ଅମଲାତନ୍ତ୍ରର ଅସହଯୋଗ ଯୋଗୁ ଏହି ନୀତିର ସଫଳ ରୂପାୟନ ହୋଇପାରୁନାହିଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଏହି ସେତୁ ନିର୍ମାଣ ହେବା ଦ୍ୱାରା ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାବାସୀଙ୍କ ଅର୍ଥନୀତିକ ଅଭିବୃଦ୍ଧି ହେବା ସହିତ ସାମାଜିକ ସମ୍ପର୍କ ମଧ୍ୟ ସୁଦୃଢ଼ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଝାରସୁଗୁଡ଼ା କଂଗ୍ରେସ ବିଧାୟକ ନବକିଶୋର ଦାସ ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହିତ ଝାରସୁଗୁଡ଼ା ଜିଲ୍ଲାରେ ଦୀର୍ଘଦିନ ବନ୍ଦ ପଡ଼ିଥିବା କଳକାରଖାନାଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ବ୍ରଜରାଜନଗରର ବିଜେପି ବିଧାୟିକା ରାଧାରାଣୀ ପଣ୍ଡା ଉଦ୍‌ଘାଟିତ ହୋଇଥିବା ସେତୁକୁ ଜନନେତା ପ୍ରସନ୍ନ କୁମାର ପଣ୍ଡାଙ୍କ ନାମରେ ନାମିତ କରିବାକୁ ଦାବି କରିଥିଲେ। ସରକାରୀ ଉପମୁଖ୍ୟ ସଚେତକ ଇଂ ରୋହିତ ପୂଜାରୀ, ସମ୍ବଲପୁର ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ବରଗଡ଼ ସାଂସଦ ପ୍ରଭାସ ସିଂ ମଧ୍ୟ ସଭାରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ବିକାଶମୂଳକ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଶେଷରେ ସମ୍ବଲପୁର ଜିଲ୍ଲାପାଳ ସମର୍ଥ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୧୨ଶହ ହିତାଧିକାରୀଙ୍କୁ ସାଇକେଲ, ୭୯୭ ଜଣଙ୍କୁ ଶିକ୍ଷା ପ୍ରୋତ୍ସାହନ, ୨୭ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା, ୧୦୬ ଜଣଙ୍କୁ ବିବାହ ନିମନ୍ତେ ସହାୟତା ଏବଂ ୯୩ ଜଣ ହିତାଧିକାରୀଙ୍କୁ ପ୍ରସୂତୀକାଳୀନ ସହାୟତା ରାଶି ଚେକ୍ ଆକାରରେ ଦିଆଯାଇଥିଲା। ଏହା ବ୍ୟତୀତ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଜୁପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଘର ନିର୍ମାଣ ୪ମାସ ଭିତରେ ସମ୍ପୂର୍ଣ୍ଣ କରିଥିବା ୧୧୮୧ ଜଣ ହିତାଧିକାରୀଙ୍କୁ ୨୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ୪୬ଜଣ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା।

ବିଜେପି ନେତାଙ୍କୁ ଥାନାରେ ଅଟକ

ଇବ୍ ସେତୁ ଉଦଘାଟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରେଙ୍ଗାଲି ଗସ୍ତ ପୂର୍ବରୁ ଉଦଘାଟନ ସଭାରେ ସମ୍ଭାବ୍ୟ ଗଣ୍ଡଗୋଳକୁ ରୋକିବା ତଥା ସୁରକ୍ଷା କାରଣରୁ ବିଜେପିର ପୂର୍ବତନ ସାଧାରଣ ସମ୍ପାଦକ ଅନ୍ତର୍ଯାମୀ ପାଣି, ବିଶିକେଶନ ପଣ୍ଡା, ଯୁଗଳ ଅଗ୍ରୱାଲା, ସରୋଜ ମେହେର, ଶ୍ରୀପତି ଷଣ୍ଢ, ନବୀନ ପ୍ରଧାନ ପ୍ରମୁଖ ସମେତ ୯ ଜଣଙ୍କୁ ଥନାରେ ଅଟକ ରଖାଯାଇଥିଲା।

ସଡ଼କ ଦୁର୍ଘଟଣାରେ...

ଦିଗପହଣ୍ଡି ଅଭିମୁଖେ ଆସୁଥିଲେ। ପଲ୍ଲୀ ପଦ୍ମନାଭପୁର ଗ୍ରାମ ଛକ ନିକଟରେ ହଠାତ୍ ଏକ କୁକୁର ସାମ୍ନାକୁ ଆସିଯିବାରୁ ଭାରସାମ୍ୟ ହରାଇ ଉଭୟ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଟୁକୁନାଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ମୁଥିଲୁଙ୍କୁ ୧୦୮ ଆମ୍ବୁଲାନ୍ସରେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

ସେହିପରି **କନ୍ଧମାଳ** ଜିଲ୍ଲା ଚକାପାଦ ବ୍ଲକର ଲାଇନପଡ଼ାଠାରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ମୃତ୍ୟୁବରଣ କରିଥିବା ବ୍ୟକ୍ତିଜଣକ ହେଲେ ସୁବାସ ଚନ୍ଦ୍ର ଦିଗାଲ ଓ ଆହତମାନେ ହେଲେ ରଙ୍ଗ ବଲ୍ଲଭ ନାୟକ ଓ ଧର୍ମେନ୍ଦ୍ର ନାୟକ। ସମସ୍ତଙ୍କ ଘର ପିପଲସାହିରେ ବୋଲି ଜଣାପଡ଼ିଛି। ଗତକାଲି ବିଳମ୍ବିତ ରାତିରେ ମୃତ ସୁବାସ ଏକ ବାଇକ୍‌ରେ ସେସିବାଲି ମେରୁପର୍ବ ଦେଖି ନିଜ ଗ୍ରାମକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟିଭିଏସ୍ ଲୁନା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଲାଇନପଡ଼ା ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଆହତମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖଜୁରିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ପୂର୍ଣ୍ଣଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ମ୍ୟାନେଜର୍ ରଚିଥିଲେ...

ଅର୍ନ୍ତଗତ ମାଣଡ୍ରୀ ସ୍ଥିତ ବନ୍ଧନ ବ୍ୟାଙ୍କରୁ ଗତ ୫ ତାରିଖରେ ଟଙ୍କା ଲୁଟ୍ କରିବା ପାଇଁ ପ୍ରସ୍ତୁତ ହୋଇଥିଲା ବ୍ଲୁ ପ୍ରିଣ୍ଟ୍। ଏହି ବ୍ଲୁ ପ୍ରିଣ୍ଟ୍ ରଚିଥିଲେ ଖୋଦ୍ ବ୍ୟାଙ୍କ ମ୍ୟାନେଜର ଶ୍ରୀ କର। ଏଥିରେ ତାଙ୍କୁ ସହଯୋଗ କରିଥିଲେ ତାଙ୍କର ସହକର୍ମୀ ଫିଲ୍ଡ ଅଫିସର ଶ୍ରୀ ସାହୁ ଏବଂ ଶ୍ରୀ ପ୍ରଧାନ। ଭଜନ ଓ ସୀତାରାମ ଉକ୍ତ ତାରିଖରେ ବାରିପଦା ଶାଖାରୁ ୩ଲକ୍ଷ ୪୦ହଜାର ଟଙ୍କା ନେଇ ମାଣଡ୍ରୀ ଶାଖାକୁ ଯାଉଥିଲେ। ସେହି ସମୟରେ ବେତନଟୀ ମାଣଡ୍ରୀ ରାସ୍ତାରେ ୪ଜଣ ଯୁବକ ୨ଟି ମୋଟର ସାଇକେଲରେ ଆସି ବନ୍ଧୁକ ମୁନରେ ଟଙ୍କା ଭର୍ତ୍ତି ବ୍ୟାଗକୁ ଲୁଟ୍ କରିନେଇ ପଳେଇଥିବା ଅଭିଯୋଗ ହୋଇଥିଲା। ଫିଲ୍ଡ ଅଫିସର ସୀତରାମ ଏସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୁଲିସ୍ ୨ଟି ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ୍ ଟ୍ରାକିଙ୍ଗ୍ ଏବଂ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରି ଆଜି ଘଟଣାର ପର୍ଦ୍ଦାଫାସ କରିଥିଲା ପୁଲିସ୍।

ମିଳିଥିବା ସୂଚନା ଅନୁଯାୟୀ, ଭଜନ ଏବଂ ସୀତାରାମ ଅଧାବାଟରେ ସେମାନଙ୍କ ସହଯୋଗୀ ବ୍ରଜଶେଖରଙ୍କୁ ଡକାଇଥିଲେ। ବ୍ରଜଶେଖର ଏକ ହଣ୍ଡା ସିଟି କାର୍‌ରେ ଆସି ଅଧାବାଟରୁ ଟଙ୍କା ବ୍ୟାଗକୁ ଲୁଟ୍ କରି ଫେରାର୍ ହୋଇଯାଇଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ମ୍ୟାନେଜର୍ ଭଜନ ତାଙ୍କ ମୋବାଇଲକୁ ନିକଟସ୍ଥ ଏକ ନଦୀକୁ ଫିଙ୍ଗି ଦେଇଥିଲେ। ତଦନ୍ତ କାଳରେ ପୁଲିସ୍ ଏହି ସବୁ ତଥ୍ୟ ଉଜାଗର କରିବାରେ ସଫଳ ହୋଇଥିଲା। ଆଜି ହୋଇଥିବା ଚଢ଼ଉରେ ଅତିରିକ୍ତ ଏସ୍‌ପି ଦୀନଜନ ନାୟକ, ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ ଉପସ୍ଥିତ ଥିଲେ।

ପୋଖରୀରେ ବୁଡ଼ିଯାଇ...

ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତିର୍ତ୍ତୋଲ ପୁଲିସ୍ ମେଡିକାଲରେ ପହଞ୍ଚି ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ ନାବାଳିକା ଦ୍ୱୟଙ୍କ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁହେଁ ବୋଧନାଥ ୟୁପି ସ୍କୁଲର ଛାତ୍ରୀ ଥିଲେ। ରାଖିରାଣୀ ପଞ୍ଚମ ଶ୍ରେଣୀରେ ଓ ମନସ୍ମିତା ତୃତୀୟ ଶ୍ରେଣୀରେ ପଢୁଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଜଗନ୍ନାଥପୁର ପଞ୍ଚାୟତର ସରପଞ୍ଚ ସିଲରାଣି ଖଣ୍ଟୁଆଳ ମୃତକଙ୍କ ଘରେ ପହଞ୍ଚି ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି। ଉଭୟ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଗ୍ରାମବାସୀ ନିବେଦନ କରିଛନ୍ତି।

ଆଜି ଖୋଲିବ...

ଦିନରେ ଲକ୍ଷାଧିକ ଦର୍ଶନାର୍ଥୀଙ୍କ ସମାଗମ ହେବାର ଆଶା ଅଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଥିପାଇଁ ବ୍ୟବସ୍ଥାବଳୀ ପ୍ରସ୍ତୁତ ହୋଇଛି। ସୂଚନାଯୋଗ୍ୟ, ଓଡ଼ିଶା ହାଇକୋର୍ଟ ଡବ୍ଲ୍ୟୁପି (ସି) (ପିଆଇଏଲ) ୯୦୯୮/୨୦୧୬ର ବିଚାର କରି ଦେଇଥିବା ନିର୍ଦ୍ଦେଶାନୁଯାୟୀ ଜଗମୋହନରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ପୁନର୍ବାର ଚାଲୁ କରାଯାଉଛି। ମରାମତି ଦୃଷ୍ଟିରୁ ଜଗମୋହନରେ ଭକ୍ତମାନଙ୍କ ଦର୍ଶନ ବନ୍ଦ ରଖାଯାଇଥିଲା

୪ ଜିଲ୍ଲାରେ...

ପ୍ରତ୍ୟେକ ସରକାରୀ ଚିକିତ୍ସାଳୟରେ ୨୫୦ରୁ ୩୦୦ ପ୍ରକାର ଔଷଧ ରଖିବା ପାଇଁ ଯୋଜନା କରାଯାଇଥିବାବେଳେ ଖୋଦ୍ କର୍ମଚାରୀ ଏହାର ଫାଇଦା ଉଠାଇବାରେ ଲାଗିଛନ୍ତି। କେବଳ କାଶ, ଥଣ୍ଡା, ଜ୍ୱର ପାଇଁ ଔଷଧକୁ ଛାଡ଼ି ଦେଲେ ଅନ୍ୟ ଔଷଧ ମିଳୁନାହିଁ। ଏହାର କାରଣ ନେଇ ସମ୍ବଲପୁରର ଜଣେ ଅବସରପ୍ରାପ୍ତ ପ୍ରଫେସର୍ ଡ. ନିକୁଞ୍ଜ କିଶୋର ପଟ୍ଟନାୟକ ଲିଖିତ ଅଭିଯୋଗ କରିଛନ୍ତି ଯେ 'ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିରାମୟ ଯୋଜନାରେ ଗରିବ ଲୋକଙ୍କୁ ଔଷଧ ମିଳୁନାହିଁ। କେତେକ ଅସାଧୁ କର୍ମଚାରୀଙ୍କ ଯୋଗୁ କ୍ରମଶଃ ବାଟ ହୁଡ଼ିବାରେ ଲାଗିଛି ଏହି ଯୋଜନା। ସୂଚାରୁ ରୂପେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ବରଂ ପ୍ରତି ମାସରେ ବିଭିନ୍ନ ଜିଲ୍ଲାରେ ଚାଲିଛି ଭିଜିଲାନ୍ସ ଚଢ଼ଉ। କେଉଁଠି ଷ୍ଟକ୍ ଠିକ୍ ନାହିଁ ତ ଆଉ କେଉଁଠି ନିରାମୟ ଯୋଜନା ଔଷଧ ବାହାରେ ବିକ୍ରି ଚାଲିଛି'।

ଅନ୍ୟପକ୍ଷରେ ଔଷଧ ନିଗମର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଉଛି, ସରକାର ଏହି ନିରାମୟ ଯୋଜନାକୁ ସଫଳ କରିବା ପାଇଁ ପ୍ରଥମେ ମେଡିକାଲ୍ ପରିସରରୁ ମେଡିସିନ୍ ଷ୍ଟୋର ହଟାଇବାକୁ ପଦକ୍ଷେପ ନେଇଥିଲେ। କିନ୍ତୁ ତାହା ମଧ ଏ ଯାଏ ସଫଳ ହୋଇପାରିଲାନାହିଁ। କେତେକ ଘରୋଇ ଔଷଧ କମ୍ପାନୀ ଓ ବିକ୍ରେତା ହାଇକୋର୍ଟର ଦ୍ୱାରସ୍ଥ ହେବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଲାଗି ସତ୍ୟପାଠ ଦାଖଲ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମେଡିସିନ୍ ଷ୍ଟୋର୍‌ଗୁଡ଼ିକ ସରକାରଙ୍କ ନିୟମକୁ ଠିକଣା ଭାବେ କାର୍ଯ୍ୟକାରୀ କରୁନାହାନ୍ତି। ଧାରା ୨୪୬ ଅନୁଯାୟୀ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରିମଳ ଦୃଷ୍ଟିରୁ ସରକାର ସମସ୍ତ ପ୍ରକାର ନୀତିଗତ ନିଷ୍ପତ୍ତି ନେଇ ପାରିବେ। ସରକାର ଉତ୍ତମମାନର ମାଗଣା ଔଷଧ ବଣ୍ଟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ମେଡିକାଲ ପରିସରରେ ଘରୋଇ ମେଡିସିନ୍ ଷ୍ଟୋର ରହିବାର ଆଉ କୌଣସି ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ମେଡିସିନ୍ ଷ୍ଟୋର୍ ରହିବା ଦ୍ୱାରା ବିଭିନ୍ନ ସମୟରେ ରୋଗୀମାନେ ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ନିରାମୟ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ।

ମଧୁପୁର ଦଳିତ ସାହିରେ ପିସିସି ସଭାପତି

ପିପିଲ,୧୫।୪/ଏନ୍ଏନ୍ଏସ୍ : ସମ୍ବିଧାନ ପ୍ରଣିତା ଭୀମରାଓ ଆମ୍ବେଦକରଙ୍କର ୧୨୭ତମ ଜୟନ୍ତୀ ଅବସରରେ ରାଜ୍ୟ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଆରମ୍ଭ କରିଛନ୍ତି ନୂଆ ଫର୍ମୁଲା। ଶନିବାର ଅପରାହ୍ଣରେ ପ୍ରସାଦ ହରିଚନ୍ଦନ ପିପିଲି ବ୍ଲକ୍‌ର ଭାରତୀପୁର ପଞ୍ଚାୟତର ମାଧିପୁର ଦଳିତ ସାହିରେ ପହଞ୍ଚିଥିଲେ। ଅପରାହ୍ଣ ୩ଟାରେ ପିସିସି ସଭାପତିଙ୍କ ନେତୃତ୍ୱରେ ଏକ ୮ଜଣିଆ ଟିମ୍ ମାଧିପୁର ଛକରେ ପହଞ୍ଚିଥିଲେ। ସେଠାରେ ପୂର୍ବତନ ବିଧାୟକ ଯୁଧିଷ୍ଠିର ସମନ୍ତରାୟଙ୍କ ସାନଭାଇ ଧୀରେନ୍ଦ୍ର ସ୍ୱାଗତ ଜଣାଇଥିଲେ। ଏହାପରେ ସେ ଦଳିତ ସାହିକୁ ଯାଇଥିଲେ। ପରେ ପ୍ରସାଦ ଗାଁ ମୁଣ୍ଡରେ ଥିବା ଦୁଲ୍ଲାଦେଇ ଠାକୁରାଣୀଙ୍କ ପୀଠରେ ଚାଲିଥିବା ଝାମୁଯାତ୍ରାରେ ସାମିଲ ହୋଇଥିଲେ। ବୟସ୍କ ବୃଦ୍ଧ ଓ ବୃଦ୍ଧା ମାନଙ୍କ ସହିତ ବେଶ କିଛି ସମୟ ବିତାଇବା ପରେ ସେମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟ ସରିବା ପରେ ସେ ଦଳିତ ମାନଙ୍କ ପାଖରେ ବସି ମଧାହ୍ନ ଭୋଜନ କରିଥିଲେ। ତେବେ ପ୍ରସାଦ ନିଜେ ଖାଇବା ପୂର୍ବରୁ ପ୍ରସ୍ତୁତ ହୋଇଥିବା ଅରୁଆ ଅନ୍ନ ଏବଂ ଡ଼ାଲେମାକୁ ନିଜ ହାତରେ ଲୋକଙ୍କୁ ପରଷିଥିଲେ। ଏହା ପରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ। ଉଭୟ ସରକାର ଦଳିତଙ୍କ ବିରୋଧୀ ବୋଲି କହିଥିଲେ। ଆଗାମୀ ନିର୍ବାଚନରେ ଲୋକମାନେ ଏହାର ନିଶ୍ଚିତ ଜବାବ ଦେବେ ବୋଲି କହିଥିଲେ। କଂଗ୍ରେସ ସରକାର ପ୍ରତ୍ୟେକ ସମୟରେ ଦଳିତମାନଙ୍କ ସହିତ ରହିଛି ବୋଲି ସେ କହିଥିଲେ। ତେବେ ଏହି ଟିମ୍ ରେ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ବେହେରା, ବାଲିଗୁଡ଼ା ବିଧାୟକ ଲଲାଟେନ୍ଦୁ ମହାପାତ୍ର, ହଳଧର ସେଠୀ, ଏସିସିଏଲ ର ସହ-ଅଧକ୍ଷ ବାଙ୍କନିଧି ବେହେରା, ମହିଳା କଂଗ୍ରେସର ସାଧାରଣ ସମ୍ପାଦକ ଜାନକୀ ମଲ୍ଲିକ, ସବର୍ଣ୍ଣପୁର ଜିଲ୍ଲାର ମହିଳା ସଭାନେତ୍ରୀ ସୂର୍ଯ୍ୟକାନ୍ତ ବାଗ୍, ସ୍ୱଗତ୍ ମହାନ୍ତି, କୈଳାସ ସାହୁ, ପିପିଲି ଏନ୍‌ଏସି ଅଧକ୍ଷା ରୁନୁ ବେହେରା, ଧୀରେନ୍ଦ୍ର ସାମନ୍ତ ରାୟ, ଖଲିଲୁର ରେହେମାନ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ସଭାରେ ହଟ୍ଟଗୋଳ

ନୟାଗଡ଼,୧୫।୪/ଏନ୍ଏନ୍ଏସ୍ : ନୟାଗଡ଼ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଥିବା 'ସୃଜନ' ସଭାଗୃହରେ ଜିଲ୍ଲାସ୍ତରୀୟ ଅମ୍ବେଦକର ଜୟନ୍ତୀ ପାଳିତ ହେଉଥିବା ସମୟରେ ସଭା ଗୃହରେ ହଟ୍ଟଗୋଳ ହୋଇଥିଲା। ବକ୍ତାମାନେ ପରସ୍ପର ପ୍ରତି ଆକ୍ଷେପ ଓ ପ୍ରତି ଆକ୍ଷେପ କରିବାରୁ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ସଭାଗୃହରେ କିଛି ନିର୍ଦ୍ଦିଷ୍ଟ ଜାତିକୁ ଆକ୍ଷେପ କରିବାରୁ ଅନ୍ୟ ବକ୍ତାମାନେ ପ୍ରତିବାଦ କରିଥିଲେ। ଫଳରେ ଅମ୍ବେଦକର ଜୟନ୍ତୀ ସଭାରେ ହଟ୍ଟଗୋଳପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ନୟାଗଡ଼ ଜିଲ୍ଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟ ଅତିଥି, ପୁଲିସ ବିଭାଗ ଡିଆଇଜି ସୁବାଷ ଚନ୍ଦ୍ର ମହାନ୍ତି, ଜିଲ୍ଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଳି ଅତିଥି ଭାବେ ଯୋଗଦେଇ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଅମ୍ବେଦକରଙ୍କ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ସାମ୍ବାଦିକ ନିର୍ମଳ ଚନ୍ଦ୍ର ସୁରଦେଓ, ରାମକୃଷ୍ଣ ରଥ, ଅଧାପକ ଓମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଡ଼ ଅମ୍ବେଦକରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଶିଶୁ ପତ୍ରିକା 'ସୁନାଝରଣା' ଉନ୍ମୋଚିତ

କଣାସ, ୧୫।୪/ଏନ୍ଏନ୍ଏସ୍ : ଶିଶୁ-କିଶୋର ସାହିତ୍ୟ ପତ୍ରିକା 'ସୁନାଝରଣା' ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଖୋର୍ଦ୍ଧା ଗୀତାଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କବି, ଲେଖକ ସମାବେଶ ଓ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯୁବକ କବି ଶରତ ଚନ୍ଦ୍ର ମହାପାତ୍ରଙ୍କ ସମ୍ପାଦନାରେ କଣାସରୁ ପ୍ରକାଶିତ ଶିଶୁ-କିଶୋର ସାହିତ୍ୟ ପତ୍ରିକା 'ସୁନାଝରଣା'ର ଦ୍ୱିତୀୟ ସଂଖ୍ୟାକୁ ମୁଖ୍ୟ ଅତିଥି ହରିହର ମିଶ୍ର ଉନ୍ମୋଚିତ କରିଥିଲେ। ମଞ୍ଚାସିନ ଅତିଥିମାନେ ଉକ୍ତ ପତ୍ରିକାର ଦୀର୍ଘଜୀବନ କାମନା କାରିବା ସହ ଉଚ୍ଚ ପ୍ରଶଂସା କରିଥିଲେ।

ଗୁରୁକୁଳ ଉତ୍ସବ ଉଦ୍‌ଯାପିତ

ଉତ୍ସବ - ୨୦୧୮
2018

ସାକ୍ଷୀଗୋପାଳ,୧୫।୪/ଏନ୍ଏନ୍ଏସ୍ : ସ୍ଥାନୀୟ ବୀରଗୋବିନ୍ଦପୁର ବଡହାଟ ଗ୍ରାମସ୍ଥିତ ରାମହରି ଦାସ ଓଡିଶୀ ଗୁରୁକୁଳର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁକୁଳ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଛାତ୍ରୀମାନଙ୍କ ଦ୍ୱାରା ପରିବେଶିତ ଓଡିଶୀ ସଂଗୀତରେ କମ୍ପିଉଠିଥିଲା ମଞ୍ଚ। ଅତିଥି ଭାବରେ ଗୁରୁକୁଳର ପ୍ରତିଷ୍ଠାତା ଓଡିଶୀ ସଂଗୀତ ଗୁରୁ ରାମହରି ଦାସ, ସଂଗୀତ ନାଟକ ଏକାଡେମୀ ସଚିବ ପ୍ରଦୀପ କୁମାର ମିଶ୍ର, ସତ୍ୟବାଦୀ ଥାନା ଆଇଆଇସି କୃଷ୍ଣଚନ୍ଦ୍ର ସେଠୀ ଅଧକ୍ଷ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ଓ ଉପାଧକ୍ଷ ଚିତ୍ତରଞ୍ଜନ ମଲିଆଙ୍କ ସହିତ ଗୁରୁ ନିମାକାନ୍ତ ରାଉତରାୟ, ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଓ ଅନୁଷ୍ଠାନର ସମ୍ପାଦକ ହିମାଂଶୁ ଶେଖର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଗୁରୁକୁଳର ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ବୃନ୍ଦଗାୟନ ଛନ୍ଦ, ମର୍ଦ୍ଦଳ ବାଦନ, ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ଶ୍ରୀନିବାସ ଶତପଥୀ ଓ ଗୁରୁ ଜବାହାର ମିଶ୍ରଙ୍କ ଯୁଗ୍ମ ବଂଶୀ ବାଦନ ପରିବେଷଣ କରିଥିଲେ। ଗୁରୁ ଲିଙ୍ଗରାଜ ପ୍ରଧାନ ଏକକ ଓଡିଶୀ ନୃତ୍ୟ, ନୃତ୍ୟଶାଳା ଅନୁଷ୍ଠାନ ପକ୍ଷରୁ ଗୁରୁ ଅଶୋକ କୁମାର ଘୋଷାଲ ଓ ତାଙ୍କ ସାଥୀ ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ନାଟିକା ଅନୁଷ୍ଠିତ ହୋଇଥିଲା। ଶେଷରେ ଦିଗପହଣ୍ଡିର ଗୁରୁ ଆଲୋକ କୁମାର ବିଶୋଇ ଧୁଡୁକି ନୃତ୍ୟ ପରିବେଷଣ କରାଯାଇଥିଲା। ଡ. ସଚ୍ଚିକାନ୍ତ ନାୟକ ଓ ଅଞ୍ଜନ କୁମାର ହୋତା ସଂଯୋଜନା କରିଥିଲେ।

ଟ୍ରଲର ପଛରେ ପିଟିଲା ଅଟୋ, ୬ ଆହତ

ଟାଙ୍ଗୀ ଚୌଦ୍ୱାର,୧୫।୪/ଏନ୍ଏନ୍ଏସ୍ : ଟାଙ୍ଗୀଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ମଙ୍ଗୁଳି ଛକ ନିକଟରେ ଏକ ଟ୍ରଲର ପଛରେ ପାସେଞ୍ଜର ଅଟୋ ପିଟି ହେବାରୁ ଡ୍ରାଇଭର ସହ ୫ ଜଣ ଆହତ ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଆଜି ଭୋର ପ୍ରାୟ ୪.୩୦ ସମୟରେ ଏକ ପାସେଞ୍ଜର ଅଟୋରେ ୫ଜଣ ପାଲା ଗାୟକ ଭୁବନେଶ୍ୱର ଖଣ୍ଡଗିରିରୁ ପାଲା ପରିବେଶଣ କରି ଛତିଆ ଫେରୁଥିବାବେଳେ ମଙ୍ଗୁଳି ଛକ ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରଲର ପଛରେ ପିଟିହୋଇଥିଲେ। ଆହତମାନେ ବଡ଼ଚଣା ଥାନା ଅନ୍ତର୍ଗତ ଛତିଆ ଅଞ୍ଚଳର ବୋଲି ଜଣାପଡିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ରାଜପଥ ଆମ୍ବୁଲାନ୍ସ ଯୋଗେ କଟକ ବଡମେଡିକାଲକୁ ପଠାଇଥିବା ବେଳେ ଘଟଣା ସ୍ଥଳରେ ପୁଲିସ୍ ପହଞ୍ଚି ଅଟୋଟିକୁ ଜବତ କରିଛି।

ରାଜ୍ୟସ୍ତରୀୟ ଉତ୍ସବରେ ଶିକ୍ଷକ ସମ୍ବର୍ଦ୍ଧିତ

ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ
SCART-ODISHA

ଖଣ୍ଡପଡ଼ା,୧୫।୪/ଏନ୍ଏନ୍ଏସ୍: ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ କଟକ ସହିଦ୍‌ଭବନରେ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଆର୍ତ୍ତତ୍ରାଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟରୁ ବହୁବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶିକ୍ଷାଦାନ କ୍ଷେତ୍ରରେ ୧୫ ଜଣ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ନୟାଗଡ଼ ଜିଲ୍ଲାରୁ ଏକମାତ୍ର ଶିକ୍ଷକ ଭାବେ ଖଣ୍ଡପଡ଼ା ସହର ୧୦ ନଂ ୱାର୍ଡ ବ୍ରାହ୍ମଣସାହିର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଜଣାପଡ଼ିଛି। ତାଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ, ମାନପତ୍ର, ବ୍ରୋଞ୍ଜ୍ ପଦକ ସହ ନାଗରିକ ସୁରକ୍ଷା ବୀମା ବାବଦରେ ୧ ଲକ୍ଷ ଟଙ୍କାର ବଣ୍ଡ୍ ପ୍ରଦାନ କରାଯାଇଛି। ଏଠାରେ ସୂଚନାଯୋଗ୍ୟଯେ, ଶ୍ରୀ ମିଶ୍ର ଦୀର୍ଘ ୩୬ ବର୍ଷଧରି ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରି ସାଧାରଣରେ ପ୍ରଶଂସିତ ହେବାସହ ୨୦୧୧ରେ ବାହାଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରୁ ଅବସର ନେଇଥିଲେ। ସେ ଏବେ ସମାଜସେବା ବ୍ରତୀ ଅଛନ୍ତି।

ଉତ୍ସବରେ ପରିଷଦର ସଭାପତି ବିଜୟାନନ୍ଦ ନାୟକ ପୌରହିତ୍ୟ କରିଥିଲେ। ସମ୍ମାନିତ ଅତିଥି ରୂପେ କେନ୍ଦ୍ର ଉତ୍କଳ ସମ୍ମିଳନୀର ସାଧାରଣ ସଂପାଦକ ବଂଶୀମୋହନ ଶତପଥି, ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ପ୍ରଫେସର କିଶୋର ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ବାଚସ୍ପତି ଶରତ କୁମାର କରଙ୍କ ସମେତ ଉଚ୍ଚ ନ୍ୟାୟାଳୟର ୨ ଜଣ ଅବସରପ୍ରାପ୍ତ ବିଚାରପତି ଉପସ୍ଥିତ ଥିଲେ। ରାଜ୍ୟସ୍ତରରେ ଆଦର୍ଶ ଶିକ୍ଷକଭାବେ ଶ୍ରୀ ମିଶ୍ର ସମ୍ବର୍ଦ୍ଧିତ ହେବାପରେ ଖଣ୍ଡପଡା ବ୍ଲକ ପ୍ରାଥମିକ ମିଳିତ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଅନୁଷ୍ଠାନର ସଭାପତି ଦୀନବନ୍ଧୁ ଦାସଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଛନ୍ତି।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

ଭୁବନେଶ୍ୱର,୧୫।୪/ଏନ୍ଏନ୍ଏସ୍: ବଡ଼ଗଡ଼ ବ୍ରିଟ୍ କଲୋନୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତ୍ରୟୋବିଂଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜଗନ୍ନାଥ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଯୋଗଗୁରୁ ଆଚାର୍ଯ୍ୟ ଡଃ ସୁଦର୍ଶନ ଦେବ ଆର୍ଯ୍ୟ ମୁଖ୍ୟଅତିଥି ଭାବେ ଆଶୀର୍ବଚନ ପ୍ରଦାନ କରିଥିଲେ। ଓଡ଼ିଶା ମାଧମିକ ଶିକ୍ଷା ପରିଷଦର ପ୍ରାକ୍ତନ ବିଜ୍ଞାନ ବିଶେଷଜ୍ଞ କିଶୋର ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମ୍ପାଦକ ପ୍ରଫୁଲ୍ଲ ବିଶୋୟୀ ବାର୍ଷିକ ବିବରଣୀ ପାଠ ଓ ଉପସଭାପତି ଶକୁନ୍ତଳା ସେନାପତି ବେଦପାଠ କରିଥିଲେ। ପ୍ରଧାନାଚାର୍ଯ୍ୟ ଶ୍ରୀଚନ୍ଦନ ବାରିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ପରିଚାଳନା ସମିତି ସଭାପତି ବିପିନ ଚନ୍ଦ୍ର ନାୟକ, ପୂର୍ବତନ ଆଚାର୍ଯ୍ୟ ସୁଦର୍ଶନ ମହାପାତ୍ର, ପୂର୍ବତନ ଛାତ୍ର ପ୍ରତ୍ୟୁଷ ସମାନ୍ତରାୟ ଓ ଛାତ୍ରୀ ମଧୁସ୍ମିତା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ୯୬ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। +୨ ବିଜ୍ଞାନ ବିଭାଗର ଅଧକ୍ଷ ପ୍ରଫେସର ଦେବୀ ପ୍ରସାଦ କର ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଅକ୍ଷୟ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଚାର୍ଯ୍ୟ ସୁଖଲତା ଦାଶ ଓ ସୌମ୍ୟରଞ୍ଜନ ପଣ୍ଡା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ।

୧୮ରୁ ଗୁରୁଭକ୍ତ ସମ୍ମିଳନୀ

କାକଟପୁର, ୧୫।୪/ଏନ୍ଏନ୍ଏସ୍ : ନୟାହାଟସ୍ଥିତ ୫୨ତମ ଗୁରୁଭକ୍ତ ସମ୍ମିଳନୀ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଆଶ୍ରମର ମୁଖ୍ୟ ପରିଚାଳକ ବାବାଜୀ ଦାମୋଦର ଦାସଙ୍କ ଅଧକ୍ଷତାରେ ଆଶ୍ରମର ଆସନ ମନ୍ଦିରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ୧୮ ତାରିଖରେ ସମ୍ମିଳନୀ ଉଦ୍‌ଘାଟିତ ହୋଇ ୧୯ ତାରିକରେ ଉଦ୍‌ଯାପିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ଓଡିଶା ମାଟିରେ ଜନ୍ମିତ ସର୍ବଧର୍ମ ସମନ୍ୱୟ ମତବାଦର ପ୍ରତିଷ୍ଠାତା ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ ସିଦ୍ଧ ମହାପୁରୁଷ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବ୍ରଜବାସୀ ବୋଲି ଆଖ୍ୟା ଦେଇଥିଲେ। ଏଥିପାଇଁ ପ୍ରାୟ ୩୦ ହଜାର ବର୍ଗଫୁଟର ନଡିଆ ପତ୍ର ଛାମୁଡିଆ ଡ. ରତ୍ନାକର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଭକ୍ତମାନଙ୍କ ନିମନ୍ତେ ତିଆରି ହୋଇଛି। ୧୯୬୭ ମସିହାରୁ ଏହି ସମ୍ମିଳନୀ ଶ୍ରୀ ଗୁରୁଦେବଙ୍କ ନିର୍ଦ୍ଦେଶରେ ମୁଖ୍ୟ ଆଶ୍ରମଠାରେ ଚାଲୁ ରହିଛି। ଭକ୍ତ ଶ୍ରଦ୍ଧାଳୁମାନଙ୍କ ହଜାର ହଜାର ସଂଖ୍ୟାରେ ଆଗମନ ହେତୁ ସମ୍ମିଳନୀ ପାଇଁ ସ୍ୱତନ୍ତ୍ର ଭାବେ ୨୬ଟି ବିଭାଗ ଗୁରୁଭାଇ, ଭଉଣୀ ଓ ମା 'ମାନଙ୍କ ଦ୍ୱାରା ବଣ୍ଟନ କରାଯାଇ ଗୁରୁଦେବଙ୍କ ପାଖରେ ନିବେଦନ କରାଯାଇଛି। ଓଡିଶା ତଥା ଭାରତର ବିଭିନ୍ନ ସ୍ଥାନରୁ ସାଧୁସନ୍ଥ ଏଥିରେ ଯୋଗଦେଉଛନ୍ତି। ପୁରୀ, ଭୁବନେଶ୍ୱର, କଟକ, ଜଗତସିଂହପୁର, ପାରାଦୀପ ବସ୍‌ଷ୍ଟାଣ୍ଡରୁ କାକଟପୁର ଅଭିମୁଖେ ଆସୁଥିବା ବସ୍‌ରେ ନୟାହାଟ ସ୍କୁଲ ଛକରେ ଓହ୍ଲାଇଲେ ସମସ୍ତ ଭକ୍ତ ସୁବିଧାରେ ଆଶ୍ରମରେ ପହଞ୍ଚି ପାରିବ ବୋଲି ସେବକ ପ୍ରୀତିରଞ୍ଜନ ଦାସ ସୂଚନା ଦେଇଛନ୍ତି।

ମହିଳା କମିଶନ ଅଧକ୍ଷାଙ୍କ ସଚେତନତା ସଭା

ଜଟଣୀ,୧୫।୪/ଏନ୍ଏନ୍ଏସ୍: ଓଡ଼ିଶା ମହିଳା କମିଶନ ଅଧକ୍ଷା ସ୍ନେହାମୟୀ ମହାନ୍ତିଙ୍କ ୨ଦିନିଆ ସଚେତନତା ସଭା ଜଟଣୀ ଗାନ୍ଧୀନଗରଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜରେ ନାରୀ ଓ ଛୋଟ ପିଲାମାନଙ୍କ ପ୍ରତି ହୋଇଥିବା ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜଟଣୀର ସମସ୍ତ ମହିଳା ସଂଗଠନଗୁଡ଼ିକର ଶତାଧିକ ମହିଳାଙ୍କୁ ନେଇ ଏହିସଭା ଆୟୋଜିତ ହୋଇଥିଲା। ଶିଶୁ ଓ ମହିଳା ଆଇନ କିପରି କାର୍ଯ୍ୟକାରୀ କରାଯାଏ ସେ ସଂପର୍କରେ ସାଧାରଣ ବର୍ଗର ମହିଳାମାନଙ୍କୁ ଶିକ୍ଷାପ୍ରଦାନ କରାଯାଇଥିଲା। ନାରୀ ସଶକ୍ତିକରଣ ଯୋଜନା କାର୍ଯ୍ୟକାରୀ ଏହାର ମୂଳଲକ୍ଷ୍ୟ ବୋଲି କମିଶନ ଅଧକ୍ଷା ସ୍ନେହାମୟୀ ମହାନ୍ତି କହିଥିଲେ। ଏହି କାର୍ଯ୍ୟକ୍ରମ ଶନିବାର ଠାରୁ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଥିଲା।

ମଙ୍ଗଳା ସାହିତ୍ୟ ସଂସଦର ବିଷୁବମିଳନ

କାକଟପୁର,୧୫।୪/ଏନ୍ଏନ୍ଏସ୍ : ପବିତ୍ର ପଣାସଂକ୍ରାନ୍ତି ଅବସରରେ କାକଟପୁର ମଙ୍ଗଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ତଥା ବିଷୁବମିଳନ ମଙ୍ଗଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟା ସମୟରେ ବର୍ଷୀୟାନ ସମାଜସେବୀ ସୋମନାଥ ପାତ୍ର, ବିଶିଷ୍ଟ ସାହିତ୍ୟିକ କ୍ଷୀରୋଦରାୟ ମହାପାତ୍ର, ସମାଜସେବୀ ତ୍ରିଲୋଚନ ମିଶ୍ର, ସଂସଦର କାର୍ଯ୍ୟକାରୀ ସଭାପତି ପ୍ରଭାତ ତରାଇଙ୍କ ସମେତ ସଭାପତି ସ୍ୱପ୍ନେଶ୍ୱର ସାହୁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସାହିତ୍ୟିକ ଅବଦୁଲ ଓସିଦ ଖାଁଙ୍କ ପ୍ରାରମ୍ଭିକ ବକ୍ତବ୍ୟ ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ବହୁ ବିଶିଷ୍ଟ ସାହିତ୍ୟିକ, କବି, ତଥା ପଡୋଶୀ ଅଞ୍ଚଳମାନଙ୍କ ସାହିତ୍ୟ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ମଙ୍ଗଳା ମହାବିଦ୍ୟାଳୟର ଅଧକ୍ଷ ସନ୍ତୋଷ ମିତ୍ର ତଥା ତାଙ୍କର ସହଯୋଗୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଓ କୋଷାଧକ୍ଷ ଯଥାକ୍ରମେ ବାର୍ଷିକ ବିବରଣୀ ଏବଂ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ।

AFFIDAVIT

By virtue of an affidavit sworn before Notary Public, Bhubaneswar on 13.04.2018, I have changed my name from Sangita Nayak to **Sangeeta Nayak.** Henceforth I will be known as **Sangeeta Nayak** for all purposes.